# ଗ୍ରାମାଞ୍ଚଳ ଓ ସହାରାଞ୍ଚଳାରେ  ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ ଏକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ ।

ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ) କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମାଂଚଳ ଓ ସହାରାଂଚଳରେ  ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ ଗତକାଲି ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି  ।  ଗ୍ରାମୀଣ ଅଂଚଳରୁ ବାହାରୁଥିବା ମଳଯୁକ୍ତ ଜଳର ସୁପରିଚାଳନା ନିମନ୍ତେ  ଅନୁଗୋଳ ପୌରସଂସ୍ଥାରେ ଅବସ୍ଥିତ  ମଳ ବିଶୋଧନାଗାର ସହ ଜିଲ୍ଲାର  ୨୦ କି.ମି ପରିଧି ମଧ୍ୟରେ ଅବସ୍ଥିତ ୪୭ଟି ଗ୍ରାମ ପଞ୍ଚାୟତକୁ ଏଥିରେ ସଂଯୋଗ କରାଯାଇଛି  । ଏହି ଅବସରରେ  ଅନୁଗୋଳ ବ୍ଲକର  ବଡକେରା ଗ୍ରାମ ପଞ୍ଚାୟତରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ   ଆନୁଷ୍ଠାନିକ ଭାବେ  କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି  ।  ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌର  ପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସମେତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ  ପୌରପାଳିକା କର୍ମଚାରୀମାନେ ଉପସ୍ଥିତ ଥିଲେ  ।

